● ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ

# ମୟୂରଭଞ୍ଜ ଜିଲ୍ଲାକୁ ପ୍ରଥମ ପୁରସ୍କାର

ବାରିପଦା,୨୫।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ନି-କ୍ଷୟ ପୋଷଣ ଯୋଜନା (ଏନପିୟାଇ) ଏବଂ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମରେ ଅସାଧାରଣ ପ୍ରଦର୍ଶନ ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟ ଯକ୍ଷ୍ମା ବିଭାଗ ପକ୍ଷରୁ ଯକ୍ଷ୍ମା ଦିବସରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା ନୁରୁଲ ହସ୍ସନ୍ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଦୀନକୃଷ୍ଣ ବାରିକ ଉପସ୍ଥିତ ରହି ଜିଲ୍ଲା ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା ଏବଂ ରୋଗୀ ସମର୍ଥନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବାରେ ଜିଲ୍ଲା ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ କରୁଛି। ନି-କ୍ଷୟ ପୋଷଣ ଯୋଜନା ଅନ୍ତର୍ଗତ ଯକ୍ଷ୍ମା ରୋଗୀଙ୍କୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯେପରି ସେମାନେ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଗ୍ରହଣ କରି ଶୀଘ୍ର ଆରୋଗ୍ୟ ଲାଭ କରିପାରିବେ। ସେହିପରି ନି-କ୍ଷୟ ମିତ୍ର କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ୟକ୍ତି ବିଶେଷ ଓ ସଂସ୍ଥାଗୁଡ଼ିକ ଯକ୍ଷ୍ମା ରୋଗୀଙ୍କୁ ଗ୍ରହଣ କରି ସେମାନଙ୍କର ଚିକିତ୍ସା ଓ ପୁନର୍ବାସରେ ସହାୟତା କରୁଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ଏହି ସଫଳତାକୁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ନି-କ୍ଷୟ ମିତ୍ର ଏବଂ ସମ୍ପୃକ୍ତ ବିଭାଗର ଅକ୍ଲାନ୍ତ ପରିଶ୍ରମର ଫଳ ବୋଲି କହିଛନ୍ତି। ଏହା ରାଜ୍ୟ ଓ ଦେଶର ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନକୁ ଆହୁରି ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହି ଗୌରବମୟ ମୁହୂର୍ତ୍ତ ମୟୂରଭଞ୍ଜବାସୀଙ୍କ ପାଇଁ ଗର୍ବର ବିଷୟ ଏବଂ ଯକ୍ଷ୍ମା ନିରାକରଣ ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରୁଛି।

● ପରେଡ୍ ପଡ଼ିଆ ଗଲ୍ଲୀ କ୍ରିକେଟ୍ ସିଜନ୍-୩

# ସ୍ୱିଙ୍ଗ୍ କିଙ୍ଗ୍ସ୍ ଚାମ୍ପିଅନ୍, ଫାଲ୍‌କନ୍ ରନର୍ସ ଅପ୍




ବାରିପଦା,୨୫।୩(ସମିସ): ଇଦ୍ ପର୍ବ ଉପଲକ୍ଷେ ବାରିପଦା ପୌରପାଳିକାର ୧୬ ନଂ ୱାର୍ଡ୍ ପାରେଡ୍‌ପଡ଼ିଆ ଠାରେ ଦୁଇଦିନ ଧରି ଗଲ୍ଲୀ କ୍ରିକେଟ୍ ସିଜନ୍-୩ ଆୟୋଜିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଦ ଫାଲ୍‌କନ୍ ବନାମ୍ ଦ ସ୍ୱିଙ୍ଗ୍ କିଙ୍ଗ୍ସ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱିଙ୍ଗ୍ କିଙ୍ଗ୍ସ୍ ବିଜୟୀ ହୋଇ ଚ୍ୟାମ୍ପିଅନ୍ ହୋଇଥିଲା। ପୁରସ୍କାର ବଣ୍ଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ୱାର୍ଡ୍ କାଉନ୍‌ସିଲର ଦୀପ୍ତିରାଣୀ ପଟ୍ଟନାୟକ ଏବଂ ସନ୍ତୋଷ ପଟ୍ଟନାୟକ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜନରେ ଜଲିଲ୍ ଖାନ୍, କଲା, ଇସ୍ତାକ୍, ଫାରୁକ୍, ମିର୍ଜା, ଆବିଦ୍, ଅନ୍ନୁ, ସୋନୁ, ଛୋଟୁ, ସହରୁଖ୍, ଚନ୍ଦନ୍, ସ୍ୱାଧୀନ୍ ପ୍ରମୁଖ ରହିଥିବା ବେଳେ ଏସ୍‌କେ ନିଜାମ୍, ଏସ୍‌କେ ଇବ୍ରାହିମ୍, ଗୁଟୁ ବାବୁ, ଫିରୋଜ୍ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ କରିଥିଲେ। ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରିକେଟ୍ ପ୍ରତି ଉତ୍ସାହ ବଢ଼ାଇବା ଏବଂ ଇଦ୍ ପର୍ବର ଆନନ୍ଦକୁ ଦ୍ୱିଗୁଣିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଗଲ୍ଲୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହିତ ସମାପ୍ତ ହୋଇଛି। ସମସ୍ତ ଖେଳାଳି, ଆୟୋଜକ ଏବଂ ଅତିଥିମାନଙ୍କୁ ସ୍ଥାନୀୟ ଲୋକେ ଧନ୍ୟବାଦ ଜଣାଇଛନ୍ତି।

# ଆନନ୍ଦପୁର ଉପଖଣ୍ଡରେ କାଳବୈଶାଖୀର ତାଣ୍ଡବ







ହାଟଡ଼ିହୀ,୨୫।୩(ସମିସ): ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଆରମ୍ଭ ହୋଇଥିବା କାଳବୈଶାଖୀ ଯୋଗୁଁ ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ହାଟଡ଼ିହୀ ହାଇସ୍କୁଲ ପରିସରରେ ଥିବା ବହୁମୁଖୀ ପ୍ରକୋଷ୍ଠର ଛାତରୁ ଅଧାରୁ ଅଧିକ ଟିଣ ଆଜବେଷ୍ଟସ୍ ଉଡ଼ିଯାଇଛି। ଏହିପରି ଶାସଙ୍ଗ ପଞ୍ଚାୟତ ଅସିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଚୋରଗଡ଼ିଆ ଛକରେ ଏକ ବିରାଟକାୟ ଗଛ ଭାଙ୍ଗିଯିବାରୁ ଅନେକ ସମୟ ଯାଏଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବାହିନୀଙ୍କ ଦ୍ୱାରା ଗଛ କାଟି ସଫା କରିବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଥିଲା। ସେହିପରି କାଳବୈଶାଖୀର ଘୂର୍ଣ୍ଣିବାତ୍ୟାରେ ନୂଆରମ୍ଭାସ ଗ୍ରାମରେ ଏକ ବଡ଼ ବରଗଛ ଉପୁଡ଼ି ପଡ଼ି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଦେଇଛି। ଖବର ଲେଖିବା ଯାଏ, ବ୍ଲକର କୋଣ ଅନୁକୋଣରେ ରହିଥିବା ଗାଁଗୁଡ଼ିକରେ ବ୍ୟାପକ କ୍ଷତି ହୋଇଥିଲେ ସୁଦ୍ଧା ପ୍ରାୟ ଅନେକ ସ୍ଥାନରୁ ସଠିକ୍ ଖବର ହସ୍ତଗତ ହୋଇପାରିନାହିଁ।

# ତରିମୂଳ ରାତ୍ରକାଳୀନ କ୍ରିକେଟ ପ୍ରତିଯୋଗିତା: ସନ୍ତପୁରା ଚାମ୍ପିଅନ

ଆନନ୍ଦପୁର, ୨୫।୩ (ସମିସ): ଘଷିପୁରା ବ୍ଲକ ତରିମୂଳ ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଗତ ୨୦ ତାରିଖରୁ ୮ଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ୩ ଦଳ ସହିତ କେନ୍ଦ୍ରାପଡ଼ା ତାଳଚେର, ପୁରୀ, ପିପିଲି, ଭଦ୍ରକରୁ କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଆଇଆରସି ଭୁବନେଶ୍ୱର ଓ ଡିସିସି ସନ୍ତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିସିସି ସନ୍ତପୁରା ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଯୁବନେତା ଦେବାଶିଷ ପାତ୍ର, ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, କେଶଦୁରାପାଳ ପୂର୍ବତନ ସରପଞ୍ଚ ପର୍ଶୁରାମ ମହାରଣା, ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ ସାହୁ, ରାମଚନ୍ଦ୍ରପୁର ସଭ୍ୟ ମନ୍ମଥ ସାହୁ, ଗଡ଼ବାନ୍‌ଦୋଗୋଡା ପୂର୍ବତନ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ରାଉରକେଲା ଥାନା



ଏସଆଇ ସିମ୍ମୟ ବଳ, ସମାଜସେବୀ ଏସ୍‌କେ ଇମରାନ, ଶିକ୍ଷାବିତ ହରିପ୍ରସାଦ ମିଶ୍ର ଅଧ୍ୟାପକ ଆଶୁତୋଷ ରାଉତ, ଆଶା ଫାଉଣ୍ଡେସନର ଅଧ୍ୟକ୍ଷ ଆଶିଷ କୁମାର ଦାସ, ଠିକାଦାର ସୁରେନ୍ଦ୍ର ଭୂୟାଁ ପ୍ରମୁଖ ବିଜେତା ଦଳକୁ ୫୫ହଜାର ୫ଶହ ୫୫ ଟଙ୍କା ଓ ଉପବିଜେତା ଦଳକୁ ୩୩ ହଜାର ୩୩୩ ଟଙ୍କା ପ୍ରଦାନ କରିଛନ୍ତି। ଏଥିରେ ତରୀମୂଳ ମା' ମଙ୍ଗଳା କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

● ଡ୍ରଗ୍ସ ବେପାର ସନ୍ଦେହରେ ଚଢ଼ଉ

# ୬.୬ ଲକ୍ଷ ଟଙ୍କା ସହ ୨୬ ଲିଟର ମଦ ଜବତ



ଉଦଳା,୨୫।୩(ସମିସ): ଘରୁ ମିଳିଲା ବିଡ଼ା ବିଡ଼ା ଟଙ୍କା ଆଉ ବିପୁଳ ପରିମାଣର ଚୋରା ବିଦେଶୀ ମଦ। ଡ୍ରଗ୍ସ ବେପାର କାରବାର ହେଉଥିବା ସନ୍ଦେହରେ ପୁଲିସ ଚଢ଼ଉ କରିଥିବା ବେଳେ ଘରୁ ଏଭଳି ସାମଗ୍ରୀ ମିଳିଛି। ଏତେ ପରିମାଣର ନଗଦ ଟଙ୍କା ଦେଖି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଛି। ଉଦଳା ଥାନା ତେଲଦିହୁଡି ଗ୍ରାମରେ ବିଳମ୍ବିତ ରାତିରେ ପୁଲିସ ଚଢ଼ଉ କରିଥିଲା। ଗ୍ରାମର ଦେବେନ୍ଦ୍ର ବେହେରା ଡ୍ରଗ୍ସ କାରବାର କରୁଥିବା ସନ୍ଦେହରେ ପୁଲିସ ଚଢ଼ଉ କରିଥିବା ବେଳେ ଡ୍ରଗ୍ସ ବଦଳରେ ଘରୁ ୨୬ ଲିଟର ବିଦେଶୀ ମଦ ସାଙ୍ଗକୁ ବିପୁଳ ବିଦେଶୀ ମଦ ଜବତ କରିବା ପରେ ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଘର ଭିତରେ ପେଟିରେ ଟଙ୍କା ଲୁଚାଇ ରଖିଥିଲା ଦେବେନ୍ଦ୍ର। ପୁଲିସ ତାଙ୍କ ଘରୁ ନଗଦ ୬ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ତେବେ ଅନେକ ଖୋଜାଖୋଜି ପରେ ମଧ୍ୟ ପୁଲିସ ଡ୍ରଗ୍ସ ପାଇ ପାରି ନ ଥିଲା। ହେଲେ ଏତେ ପରିମାଣର ଟଙ୍କା ଜବତ ହୋଇଥିବାରୁ ଯୁବକ ଦେବେନ୍ଦ୍ର ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ପୁଲିସ ଦେବେନ୍ଦ୍ରକୁ ଗିରଫ କରି ଥାନାରେ ଅଧିକ ପଚରାଉଚରା ଜାରି ରଖିଛି।

# ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଯୋଡା,୨୫।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଥାନାଞ୍ଚଳର ଜଣେ ନାବାଳିକାକୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ବିରିକଳା ଧୁବୁଲାବେଡ଼ା ଅଞ୍ଚଳର ଚିତ୍ରସେନ ନାଏକ ଗତ ୨୨/୦୩/୨୦୨୬ ଅପରାହ୍ନରେ ନାବାଳିକାକୁ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହେଲା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ସୂଚନା ଅନୁସାରେ, ପ୍ରାୟ ୧ ବର୍ଷ ହେବ ଉଭୟଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ପରିବାର ଲୋକେ ଖୋଜାଖୋଜି କରି ଚିତ୍ରସେନ ନାଏକ ସହିତ ଥିବା ନାବାଳିକାକୁ ବଡ଼ବିଲ ଷ୍ଟେସନରୁ ଉଦ୍ଧାର କରିଥିଲେ। ଅଭିଯୋଗକୁ ଆଧାର କରି ଯୋଡା ପୁଲିସ କେସ ନଂ୧୨୧/୨୦୨୬,ଦଫା ୬୪(୨)(ଏମ)/୬୫(୧) ବିଏନ୍‌ଏସ ଏବଂ ୬ ପୋକ୍ସୋ ଆକ୍ଟ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।

# ସବୁ ପଞ୍ଚାୟତରେ ଖୋଲିବ ପ୍ରାଣୀ ଚିକିତ୍ସାଳୟ

● ବିଧାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଲେ ମନ୍ତ୍ରୀ

ହାଟଡ଼ିହୀ,୨୫।୩(ସମିସ): ରାଜ୍ୟର ସବୁ ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କେତେ ଲୋକ ମାଛଚାଷ, ଗୋପାଳନ, ଛେଳି ଓ କୁକୁଡ଼ା ପାଳନ କରି ଜୀବିକା ନିର୍ବାହ କରୁଛନ୍ତି, କେତୋଟି ପୋଖରୀ ଖୋଳାଯାଇଛି, ମାଛ ଚାଷ କରିବାକୁ କେତେଜଣଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି, କେତେଜଣ କୁକୁଡ଼ା, ଛେଳି ପାଇଁ ଋଣ ନେଇଛନ୍ତି, କେଉଁ ବ୍ଲକ୍‌ରେ କେତୋଟି ଗୋଶାଳା ନିର୍ମାଣ ହୋଇଛି ଓ ନୂତନ ପ୍ରାଣୀ ଚିକିତ୍ସାଳୟ ସରକାର ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଆନନ୍ଦପୁର ନିର୍ବାଚନମଣ୍ଡଳୀର ଆନନ୍ଦପୁର, ହାଟଡ଼ିହୀ ବ୍ଲକ୍‌ରେ ୬୬୭ଜଣ ଲୋକ ମାଛଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ପାଞ୍ଚବର୍ଷରେ ମତ୍ସ୍ୟ ପୋଖରୀ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୧୨୦ଜଣ ଚାଷୀ ପୋଖରୀ ଖୋଳି ମାଛଚାଷ କରୁଛନ୍ତି। ସେମାନଙ୍କୁ ୧୨୯.୨୭୩୪୬ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଛି। ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୮୮, ୬୧ ଓ ୨୧୫ଜଣ ଋଣ ନେଇ ଗୋପାଳନ, ଛେଳି ଓ କୁକୁଡ଼ା ପାଳନ କରୁଛନ୍ତି। ଅଦ୍ୟାବଧି କୌଣସି ବ୍ଲକ୍‌ରେ ଗୋଶାଳା ନିର୍ମାଣ ହୋଇନାହିଁ। ସରକାରଙ୍କ ନିଷ୍ପତ୍ତିକ୍ରମେ ସବୁ ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲିବା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଆଞ୍ଚଳିକ ପ୍ରଶିକ୍ଷଣ ତାଲିମ କେନ୍ଦ୍ରର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୫।୩ (ସମିସ): ଫକୀରପୁରସ୍ଥିତ ଆଞ୍ଚଳିକ ପ୍ରଶିକ୍ଷଣ ତାଲିମ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମହାକୁଡଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ କୁମାରବର ଦାସ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଭାବେ ରେକୁଟିଆ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋଲକ ବିହାରୀ ଆଚାର୍ଯ୍ୟ ପ୍ରଶିକ୍ଷାର୍ଥୀମାନେ ଶୃଙ୍ଖଳା ରଖିଲେ ଉତ୍ତମ ଛାତ୍ର ହୋଇପାରିବେ ବୋଲି ମତ ବ୍ୟକ୍ତ କରିଥିଲେ। ସଭାପତି ଆକ୍ଷୟ କୁମାର ସାହୁ, ଉପସଭାପତି ମଙ୍ଗୁଲୁ ମରାଣ୍ଡି, ସଧାରଣ ସମ୍ପାଦିକା ସୁଶ୍ରୀ ସୌମ୍ୟ ସୁଚରିତା ସାମଲ ସହସଂପାଦକ ସନ୍ଦେପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ




ଉଦଳା,୨୫।୩(ସମିସ): କୁଣ୍ଡାବାଇସ୍ଥିତ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଏବଂ ଏନ୍ ଏସ୍ ଏସ୍ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ଏବଂ ଅଗ୍ନି ନିର୍ବାପନ ଅଭ୍ୟାସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ପୌରୋହିତ୍ୟ କରିଥିଲେ। ସେ ବିପର୍ଯ୍ୟୟ ସମୟରେ ମୁକାବିଲା ଓ ସତର୍କତା ହିଁ ଜୀବନ ରକ୍ଷାର ଏକମାତ୍ର ଅସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ଅଗ୍ନିଶମ ବିଭାଗର ଅଫିସର ମନୋରଞ୍ଜନ ମାହାଳିକ ଯୋଗଦେଇ ପାୱାର ପଏଣ୍ଟ ଏବଂ ବିଭିନ୍ନ ଉଦାହରଣ ମାଧ୍ୟମରେ କିପରି ଏହାକୁ ରୋକାଯାଇ ପାରିବା ସହିତ କ'ଣ ପଦକ୍ଷେପମାନ ନିଆଯାଇ ଧନ ଜୀବନକୁ ରକ୍ଷା କରାଯାଇ ପାରିବ ତାହା ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ। ଏହାପରେ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଦ୍ୱାରା ଏକ ମକ୍ ଡ୍ରିଲ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସ ମଙ୍ଗରାଜ, ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅକ୍ଷୟ କୁମାର ଗିରି ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଂରାଜୀ ବିଭଗର ମୁଖ୍ୟ ଡ଼ଃ ଅଜିତ୍ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଯୁବରେଡକ୍ରସ କାଉନସିଲର ରାଜେଶ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଏନ୍ ଏସ୍ ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ଶତପଥୀ, ଜ୍ୟୋତିପ୍ରକାଶ ପଣ୍ଡା, ମହେନ୍ଦ୍ର ବିନ୍ଧାଣୀ, ଡ. ଦିବ୍ୟାରାଣୀ ତ୍ରିପାଠୀ, ମଧୁସ୍ମିତା ପରିଡା ପ୍ରମୁଖ ଓ ଯୁବ ରେଡ୍ କ୍ରସ୍, ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ ସହଯୋଗ କରି ସଫଳ କରିଥିଲେ।

ବଡ଼ପୁରୁଣାପାଣିକୁ ନୂତନ ଗ୍ରାମ ପଞ୍ଚାୟତର ମାନ୍ୟତା ଦାବି

# ବିଧାନସଭା ଆଗରେ ଗୟଳମୁଣ୍ଡା ପଞ୍ଚାୟତବାସୀଙ୍କ ଧାରଣା

ଶରତ/ଆନନ୍ଦପୁର,୨୫।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ବଡ଼ପୁରୁଣାପାଣିକୁ ନୂତନ ଗ୍ରାମ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଯିବା ଦାବିରେ ଗ୍ରାମ ପଞ୍ଚାୟତବାସୀ ଆଜି ଓଡ଼ିଶା ବିଧାନ ସଭା ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଛନ୍ତି। ଗଣଧାରଣା ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ- ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ(ଗୟଳମୁଣ୍ଡା, ବଡ଼ପୁରୁଣାପାଣି, ବାଦୁଡ଼ିଘୋରା, ଦେଓଝରଣ, ଧବଣୀ, କନ୍ତଲା, କୋଲଡିହା, ମାଙ୍କଡବେଡ଼ା, ମାରାଣାଡିହା, ପୁଅଝରୀ, ଭାଲୁଗୋରା, ହାରିବେଡ଼ା, ଓଲେଇକୁଣ୍ଡି ଏବଂ ଉଲିବସା) ରହିଛି। ୨୦୧୧ ମସିହା ଜନଗଣନା ଅନୁସାରେ, ଏହି ଗ୍ରାମ ପଞ୍ଚାୟତରେ ୮୮୬୭ ଜନସଂଖ୍ୟା ରହିଥିବା ବେଳେ ବର୍ତ୍ତମାନ ୨୦୨୬ ମସିହା ସୁଦ୍ଧା ଉକ୍ତ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରାମ ପଞ୍ଚାୟତରେ ବସବାସ କରୁଥିବା ଅଧିକାଂଶ ପରିବାର ଅନୁସୂଚିତ ଜାତି ଓ ଜନଜାତି ଅଟନ୍ତି। ଗ୍ରାମ ପଞ୍ଚାୟତରେ ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ପଞ୍ଚାୟତ ପ୍ରଶାସନ ବିଫଳ ହେଉଥିବା ଦାବି ପତ୍ରରେ ଅଭିଯୋଗ କରାଯାଇଛି। ଏପରିକି ଅନେକ ହିତାଧିକାରୀ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ଏବଂ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଅନେକ ପରିବାର ଖାଦ୍ୟ ସୁରକ୍ଷା ଆଇନ-୨୦୧୪ରୁ ବଞ୍ଚିତ ହୋଇଥିବାରୁ ଲୋକେ ଆଜି ବି ଭୋକ ଉପାସରେ କାଳାତିପାତ କରୁଥିବା ଅଭିଯୋଗ କରାଯାଇଛି। ଗ୍ରାମରେ ଉତ୍କଟ ପାନୀୟ ଜଳର ସମସ୍ୟା ରହିଛି, ଗ୍ରାମରେ ଆବଶ୍ୟକ ପରିମାଣରେ ନଳକୂପ ଖୋଳା ଯାଇ ନ ଥିବାରୁ ଲୋକେ ଚୁଆରୁ ପାଣି ସଂଗ୍ରହ କରି ଏହାକୁ ଉଭୟ ପାନୀୟ ଏବଂ ରୋଷେଇ ପାଇଁ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି।

ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ବଡ଼ପୁରୁଣାପାଣି, ଉଲିବାସା, ମାରାଣାଡିହି, ମାଙ୍କଡ଼ବେଡ଼ା, ଓଲେଇକୁଣ୍ଡି, କୋଲ୍‌ହଡିହା ଏବଂ କୋଠାଡିହା ଏହି ୭ଟି ଗ୍ରାମକୁ ନେଇ ବଡ଼ପୁରୁଣାପାଣି ଠାରେ ନୂତନ ଭାବେ ଗ୍ରାମ ପଞ୍ଚାୟତ ମାନ୍ୟତା ପ୍ରଦାନ କରାଯିବା ଦାବି କରାଯାଇଛି। ବର୍ତ୍ତମାନ ସମଗ୍ର ଦେଶରେ ଜନଗଣନା କାର୍ଯ୍ୟ ଚାଲିବ ଏବଂ ଏହା ସରିବାର ଆଗାମୀ ୬ ମାସ ମଧ୍ୟରେ ବଡ଼ପୁରୁଣାପାଣିକୁ ନୂତନ ଗ୍ରାମ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ସଚିବ ପ୍ରଫୁଲ୍ଲ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ତତ୍‌ସହିତ ପାନୀୟ ଜଳର ସମସ୍ୟା ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବା ନିମନ୍ତେ ସଚିବ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଆନନ୍ଦପୁର ସଦର ବିଡିଓଙ୍କ ସହିତ ଫୋନ ଯୋଗେ କଥା ହୋଇ ସମସ୍ୟା ସମାଧାନ କରିବା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ। ଅନୁଷ୍ଠିତ ହୋଇ ଥିବା ଏହି ଗଣଧାରଣାରେ ବିଶିଷ୍ଟ ସମାଜସେବୀ ଗାମାଏ ରାମିଲ ସିଂ ଗୋଇପାଇ, ସାଧୁ ଚରଣ ଗାଗାରାଇ, ଗୋପୀନାଥ ଟୁଡୁ, ବୀର କିଶୋର ମୁର୍ମୁ, ଶ୍ୟାମ ଦରାଇ, ମଞ୍ଜୁଲତା ତିରିଆ, ସାମଲ ସିଂ ବିରୁଆ, ନରସିଂହ ଜଙ୍କ, ମହେଶ୍ୱର ବିରୁଆ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦାବି ନ ପୂରଣ ହୋଇ ପାରିଲେ ପଞ୍ଚାୟତବାସୀ ପୁନର୍ବାର ଓଡ଼ିଶା ବିଧାନସଭା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଚୈତ୍ର ଛଟ୍ ପର୍ବରେ ଉଦୟମାନ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା



ରାଇରଙ୍ଗପୁର,୨୫।୩(ସମିସ): ରାଇରଙ୍ଗପୁରସ୍ଥିତ ଖଡ଼ଖାଇ ନଦୀ କୂଳରେ ଛଠ୍ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ଚୈତ୍ର ଛଠ ପର୍ବ ପାଳିତ ହୋଇଯାଇଛି। ଚୈତ୍ର ମାସରେ ମା' ଛଠ ପ୍ରଭାବ ମାନବ ଓ ପରିବେଶ ପାଁଇ ଅନୁକୂଳ ରହିଥିବାରୁ ଅନେକ ଛଠ ଭକ୍ତ ଏହି ମାସରେ ଛଠ ପର୍ବକୁ ପାଳନ କରନ୍ତି। ମାର୍ଚ୍ଚ ୨୨ ତାରିଖରୁ ବିଭିନ୍ନ ନୀତିନିୟମ ଅନୁଯାୟୀ ପୂଜାର୍ଚ୍ଚନା କରୁଥିବା ବେଳେ ମଙ୍ଗଳବାରରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ପ୍ରଦାନ କରିଥିଲେ। ଏହାପରେ ବୁଧବାର ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପୂର୍ବକ ଏହା ପାଳନ କରାଯାଇଛି। ଛଠ ଭକ୍ତ, ଉପାସକ ଓ ଦର୍ଶକ ମାନେ ନଦୀ କୂଳରେ ପୂଜାର୍ଚ୍ଚନା କରିଥିଲେ। ବିଜୟ କୁମାର ରାମ, ଅବଧେଶ ମିଶ୍ର, ରାଜେଶ କୁମାର ପ୍ରଜାପତି, ବିନୋଦ ଦାସ, ଲାଲବାବୁ ସାଓ, ମଦନ ରଜକ, କିଶୋର ରଜକ, ଚନ୍ଦ୍ରଭୂଷଣ ଛୋଟୁ ଯାଦବ, ମୟୂର ଗୁପ୍ତା, ରଞ୍ଜନ ରାମ, ସୁଜିତ ସାଓ, ବୈଦ୍ୟନାଥ ପିଣ୍ଟୁ ସାଓ, ବବିତା ଦେବୀ ସାଓ ଅନ୍ୟ ଶତାଧିକ ଭକ୍ତଙ୍କ ସାମିଲ୍ ହୋଇଥିଲେ।

## ଋତୁକାଳୀନ ରୋଜଗାର ଦେଉଛି ମହୁଲ ଫୁଲ

# ଲାଭବାନ ହେଉନି ଗୋଟାଳି; ମାଲେମାଲ ଦଲାଲ

- ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ସରକାରୀ ଅବହେଳା
- ଜିଲ୍ଲାରେ ଏ ନେଇ ନାହିଁ କୋଣସି ଉଦ୍ୟୋଗ



ରାଇରଙ୍ଗପୁର, ୨୫।୩(ସମିସ): ଆଦିବାସୀ ସମ୍ପ୍ରଦାୟରେ ମହୁଲ ଫୁଲର ସ୍ୱତନ୍ତ୍ର ସ୍ଥାନ ରହିଛି। ଘନ ବନାଞ୍ଚଳରେ ଉକ୍ତ ଲଘୁ ବନଜାତ ଦ୍ରବ୍ୟ ଲୁଚି ରହିଛି। ବର୍ତ୍ତମାନ ଏହା ଗ୍ରାମୀଣ ଉନ୍ନତି ଏକ ପ୍ରତୀକ ଭାବରେ ପରିଗଣିତ ହେଉଛି। ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ଆଦିବାସୀଙ୍କ ଜୀବନ ଜୀବିକା ସହ ମହୁଲ ଫୁଲ ସଦା ଜଡ଼ିତ ରହିଛି। ବସନ୍ତ ଋତୁ ଆଗମନ ସହ ଗ୍ରାମାଞ୍ଚଳରେ ମହୁଲ ଫୁଲ ବାସ୍ନା ଭାସି ଆସିଥାଏ। ଏହାକୁ ସଂଗ୍ରହ କରିବା ମଧ୍ୟ ଏକ ପାରମ୍ପରିକ ପ୍ରଥା। ଆଦିବାସୀ ଗ୍ରାମ ଓ ଜନଜାତି ଜୀବନର ଅଂଶ ଥିବା ମହୁଲ ଫୁଲକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା ଆବଶ୍ୟକ। ଏହି ସ୍ୱଦେଶୀ ଫୁଲକୁ ଭିତ୍ତିକରି ମହୁଆ ମହୁ, ଜାମ୍, ଅଟା ଭଳି ସ୍ୱାସ୍ଥ୍ୟକର ଓ ଆଧୁନିକ ଖାଦ୍ୟ ପଦାର୍ଥ କରିବାର ଆବଶ୍ୟକତା ରହିଛି। ଯାହା ଗ୍ରାମୀଣ ମହିଳାଙ୍କ ପାଇଁ ନୂଆ ଅର୍ଥନୈତିକ ସୁଯୋଗ ତିଆରି କରିବ। ରାଜ୍ୟ ସରକାର ଏହି ଗ୍ରାମ୍ୟାମୁଖୀ ଉଦ୍ୟମକୁ ସଫଳ କରିବା ପାଇଁ ସରକାରୀ ସହଯୋଗ ଅତ୍ୟାବଶ୍ୟକ ଥିବାବେଳେ ସେଥିପ୍ରତି ପ୍ରଶାସନର କୌଣସି ଉଦ୍ୟମ ନାହିଁ। ଉପଖଣ୍ଡର ବିଭିନ୍ନ ଆଦିବାସୀ ଗ୍ରାମରେ ରାତି ପାହିଲେ ମହୁଲ ଫୁଲ ସଂଗ୍ରହ କରିବାକୁ ଗଛମୂଳେ ଲୋକଙ୍କ ଭିଡ଼ ଜମୁଛି। ମହୁଲ ଫୁଲ ସଂଗ୍ରହ ଓ ବିକ୍ରୟ କରି ଦୁଇ ପଇସା ରୋଜଗାର କରିବାରେ ସକ୍ଷମ ହେଉଛନ୍ତି। ତେବେ ଚଳିତ ବର୍ଷ ପାଣିପାଗରେ ବ୍ୟତିକ୍ରମ ଯୋଗୁଁ ଆଶାନୁରୂପ ମହୁଲ ଫୁଲ ଆସିନଥିବାରୁ ଚିନ୍ତାରେ ମହୁଲ ଫୁଲ ସଂଗ୍ରହକାରୀ ରହିଛନ୍ତି। ଆଦିବାସୀମାନେ ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ମହୁଲ ଅନ୍ୟତମ। ବନ୍ୟ ଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲର ସର୍ବାଧିକ ଚାହିଦା ରହିଛି। ପୁରୁଷ ଓ ମହିଳାମାନେ ନିୟମିତ ପ୍ରାୟ ୫ କିଲୋରୁ ଊର୍ଦ୍ଧ୍ୱ ମହୁଲ ଫୁଲ ସଂଗ୍ରହ କରୁଛନ୍ତି। ଏହାପରେ ମହୁଲକୁ ଘରକୁ ଆଣି ୪ରୁ ୫ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ରଖିଥାନ୍ତି। ଏହାପରେ ମହୁଲ ଫୁଲ ବିକ୍ରୟ ଉପଯୋଗୀ ହୋଇଥାଏ। ଏହାକୁ ବେପାରୀଙ୍କ ହାତରେ ବିକ୍ରି କରି ରୋଜଗାର କରିଥାନ୍ତି। କିନ୍ତୁ ପରିଶ୍ରମ ଅନୁଯାୟୀ ଲୋକଙ୍କୁ ମହୁଲର ଉଚିତ୍ ମୂଲ୍ୟ ମିଳିପାରୁନାହିଁ। କିନ୍ତୁ ଦୁଃଖର ବିଷୟ ଦଲାଲଙ୍କ ପାଇଁ ସରକାରୀ ନିର୍ଦ୍ଧାରିତ ମହୁଲ ଫୁଲ ଦର ଅନୁଯାୟୀ ଟଙ୍କା ନମିଳିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଯାହାକି ମହୁଲ ଫୁଲ ସଂଗ୍ରହକାରୀଙ୍କୁ ବ୍ୟଥିତ କରିଛି। ମହୁଲ ଫୁଲରୁ ମଦ ଠାରୁ ଆରମ୍ଭ କରି ପିଠା ପର୍ଯ୍ୟନ୍ତ ପ୍ରସ୍ତୁତ ହୁଏ। ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଏଥିପାଇଁ ଏହାର ପ୍ରକ୍ରିୟା କରଣ କରି ଉଦ୍ୟୋଗ ସୃଷ୍ଟି କରିବା ଆବଶ୍ୟକ। ରାଜ୍ୟ ସରକାରଙ୍କ ଉଦାସୀନତାର ଏମାନେ ଶିକାର ହେଉଛନ୍ତି। ମହୁଲ ଫୁଲର ସଠିକ ନିୟନ୍ତ୍ରିତ ବଜାର କିମ୍ବା କୌଣସି ପ୍ରୋସେସିଂ ୟୁନିଟ ନାହିଁ। ବାହାର ରାଜ୍ୟକୁ ବାଲି ମାଟି ଦରରେ ମହୁଲ ଚାଲାଣ ହେଉଛି। ଆଦିବାସି ସମ୍ପ୍ରଦାୟର ମହୁଲ ଜୀବନ ଜୀବିକାର ଅଙ୍ଗ ଅଟେ। ତେଣୁକରି ମହୁଲ ପ୍ରକ୍ରିୟା କରଣ ନିମନ୍ତେ ସରକାରୀସ୍ତରରେ ଲଘୁ ଉଦ୍ୟୋଗ ସୃଷ୍ଟି କରିବା ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ମା'ଙ୍କ ବାସନ୍ତିକ ପୂଜା ଓ ଘଟ ଉତ୍ତୋଳନ



ବାରିପଦା, ୨୫ ।୩(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ବାଘଡା ରୋଡ଼ରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ମା'ଙ୍କ ବାସନ୍ତିକ ପୂଜାବିଧି ଆରମ୍ଭ ହୋଇଯାଇଛି। ଆଜି ମା' ଙ୍କ ପୂଜା ଅବସରରେ ଅମ୍ବିକା ମନ୍ଦିର ନିକଟସ୍ଥ ଚିପଟ ନଦୀରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫୦ଟି ଘଟ ସହିତ ଭକ୍ତମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ସହରରେ ଭକ୍ତମାନଙ୍କ ଭିଡ଼ ଜମିଥିଲା। ଏହି ବର୍ଷ ପୂଜା ୧୪ତମ ବର୍ଷରେ ପଦାର୍ପଣ କରିଛି। ଗତକାଲି ଷଷ୍ଠୀ ପୂଜାରେ ବେଲ୍ୱବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପୂଜା ଦଶମୀ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବିଶେଷକରି ନବମୀ ଦିନ ଅନୁଷ୍ଠାନ ପକ୍ଷରୁ ବିଶାଳ ଅନ୍ନ ପ୍ରସାଦ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି।

- ନାବାଳିକା ହତ୍ୟାକୁ ନେଇ କରଞ୍ଜିଆରେ ଶୋକ ଓ ରୋଷ

## ତଦନ୍ତ ତ୍ୱରାନ୍ୱିତ କରିବାକୁ କଂଗ୍ରେସର ଦାବି



କରଞ୍ଜିଆ, ୨୫।୩(ସମିସ): କରଞ୍ଜିଆ ଅଞ୍ଚଳରେ ଘଟିଥିବା ଦୁଃଖଦ ଘଟଣା ସମସ୍ତ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଏ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଲୋକେ ଭୁଲି ପାରୁନାହାନ୍ତି। ମିଳନ ପଡ଼ିଆଠାରେ ଏକ ଶୋକସଭା କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଶୋଭାସଭାରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂଙ୍କ ସହ ତାଙ୍କ ସହକର୍ମୀ ଓ ସାଧାରଣ ଜନତା ମୃତ ନାବାଳିକାଙ୍କ ଆତ୍ମାର ସଦଗତି ନିମିତ୍ତ କ୍ୟାଣ୍ଡେଲ ଜାଳି ଗୋଟିଏ ମିନିଟ ନିରବ ପ୍ରାର୍ଥନା କରିଥିଲେ। କଂଗ୍ରେସ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ କହିଛନ୍ତି, ଏତେ କମ୍ ସମୟ ମଧ୍ୟରେ ପୁଲିସ ପ୍ରଶାସନ ଯେଉଁ ଉଦ୍ୟମ ଦେଖାଇ ଦୋଷୀକୁ ଠାବ କରିଛି, ତାହା ନିଶ୍ଚିତ ପ୍ରଶଂସନୀୟ। କିନ୍ତୁ ଜଣେ ୧୪ ବର୍ଷର ନାବାଳିକାଙ୍କୁ ଯେଉଁ ନିର୍ମମ ଭାବେ ହତ୍ୟା କରାଯାଇଛି, ଅଖା ଭିତରେ ପୁରାଇ ଫିଙ୍ଗି ଦିଆଯାଇଛି ତାହା କେବେବି ଜଣଙ୍କ ଦ୍ୱାରା ସମ୍ଭବ ହୋଇ ନ ପାରେ। ଏଥିରେ ଅନେକଙ୍କ ସମ୍ପୃକ୍ତି ରହିଛି। ଏଣୁ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତକୁ ତ୍ୱରାନ୍ୱିତ କରନ୍ତୁ। ଯଦ୍ୱାରା ମୃତ ନାବାଳିକାଙ୍କୁ ଉଚିତ ନ୍ୟାୟ ମିଳିପାରିବ ବୋଲି ଦାବି କରାଯାଇଛି।

## ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସ ପାଳିତ



କୁଆମରା, ୨୫ ।୩(ସମିସ): ଖୁଣ୍ଟା ବ୍ଲକ ସାନସାତଶୋଳସ୍ଥ ମହ୍ଲାରପଦାଠାରେ ବିର୍ସାମୁଣ୍ଡା ଯୁବକ ସଂଘ ପକ୍ଷରୁ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିବସ ଓ ଯୁବକ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନରେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ବ୍ରହ୍ମାନନ୍ଦ ସିଂ, ବୀରେନ୍ଦ୍ର ନାଥ ମଢେଇ, ବୁଧିରାମ ସିଂ ପ୍ରମୁଖ ଯୋଗଦେଇ ବିର୍ସାମୁଣ୍ଡାଙ୍କ ସାହସ ଓ ବୀରତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ସାଂସ୍କୃତିକ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। କିଶୋର କୁମାର ସିଂ ଓ ସନ୍ୟାସୀ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବକ ସଂଘ ସମ୍ପାଦକ ଚାରୁ ଚନ୍ଦ୍ର ସିଂ, ଚନ୍ଦନ ସିଂ, ସଦାନନ୍ଦ ସିଂ, ଜାନକୀ ଦେବ ସିଂ, ଗୋରା ସିଂ, ହାଡ଼ିବନ୍ଧୁ ସିଂ, ଲାଲମୋହନ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରମ୍ପରା ଅନୁସାରେ ଆଦିବାସୀ ମୁଣ୍ଡାରୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ଏକାଠି ହୋଇ ମାଦଳର ତାଳେ ତାଳେ ନୃତ୍ୟ ଓ ଗୀତରେ ମଜି ଯାଇଥିଲେ।

## ଶୁଳିଆପଦାରେ ଜନଗଣନା ତାଲିମ ଶିବିର



ଶୁଳିଆପଦା, ୨୫।୩(ସମିସ): ସ୍ଥାନୀୟ ଶୁଳିଆପଦା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗୃହ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୯ ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରକୁ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ ଓ ଶୁଳିଆପଦା ଆଡିସନାଲ୍ ତହସିଲଦାର ରାଜେଶ ମୁର୍ମୁ ଉପସ୍ଥିତ ରହି ଉଦଘାଟନ କରିଛନ୍ତି। ଏହି ଶିବିରରେ ଗଣନାକାରୀ ଓ ନିରୀକ୍ଷକ ମିଶି ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨ ଶହ ୩୩ ଜଣ ଶିକ୍ଷକ ତାଲିମ ନେଉଥିବାବେଳେ ୪ ଜଣ ତାଲିମଦାତା ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅରୁଣ କୁମାର ଦତ୍ତ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜନ୍ମେଜୟ ଦାଶ ଓ ଶୁଳିଆପଦା ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଅମୀୟ ରଞ୍ଜନ ମଣ୍ଡଳ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି।

## ଉଦଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଆଲୋଚନାଚକ୍ର



ଉଦଳା, ୨୫।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ତୃତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରର ବିଷୟବସ୍ତୁ ଥିଲା 'ଓଡ଼ିଆ ସାହିତ୍ୟର ଅନୁବାଦର ପ୍ରଭାବ'। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ଯୋଗଦେଇ ଅନୁବାଦର ପରମ୍ପରା ଓ ଭୂମିକା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାବିଦ୍ୟାଳୟର ବରିଷ୍ଠ କିରାଣି ରଜତ ସୋରେନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଭାଗ ଅଧ୍ୟାପିକା ହେଲିନା ଦାସ ଯୋଗଦାନ କରିଥିଲେ। ସଂସ୍କୃତ ସାହିତ୍ୟରୁ ଓଡ଼ିଆକୁ କିପରି ଅନୁଦିତ କରି କାବ୍ୟ ଗ୍ରନ୍ଥ ରଚନା କରାଯାଇଛି, ସେ ବିଷୟରେ ତର୍ଜମା କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ଜେନା ସଭା ପରିଚାଳନା କରିଥିଲେ। ବିଭାଗର ଅନ୍ୟ ଅଧ୍ୟାପିକା ଅନୀତା ଦଳେଇ, ରୋଜାଲିନ କିସ୍କୁ ଓ ଡକ୍ଟର ପୂର୍ଣ୍ଣିମା ପରୀକ୍ଷା ପାଠଚକ୍ର ସମ୍ବନ୍ଧୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପେନସନଭୋଗୀଙ୍କ ଦାବିପତ୍ର ପ୍ରଦାନ



ବାରିପଦା, ୨୫।୩(ସମିସ): ସର୍ବାଭାରତୀୟ ପେନସନର୍ସ ଫେଡେରେସନ ଡାକରାରେ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ପ୍ରତ୍ୟାହାର କରିବାକୁ ଗତ ୨୦୨୫ ମାର୍ଚ୍ଚ ମାସରେ ଏକ ଭାଲିଡେସନ ବିଲ ସଂସଦରେ ପାରିତ ହୋଇଛି। ଯେଉଁଥିରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥକୁ ବଳି ଦିଆଯାଇଥିବାରୁ ଏ ସମସ୍ତ କର୍ମଚାରୀ ଅଷ୍ଟମ ବେତନ କମିଶନରେ ଅନ୍ତର୍ଭୁକ୍ତ ହେବାରୁ ବଞ୍ଚିତ ହେବେ ତଥା ସାମୟିକ ଡିଏ ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ତେଣୁ ଏହି ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ପୂର୍ବରୁ ଜିଲ୍ଲାର ବହୁ ସଂଖ୍ୟାରେ ଅବସରପ୍ରାପ୍ତ ପେନସନଭୋଗୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇ ଏହି କଳା ଆଇନ ଉଚ୍ଛେଦ ପାଇଁ ଦାବି କରିଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ଭରତ ଚନ୍ଦ୍ର ବରାଳଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ।

## ବିନା ସୂଚନାଫଳକରେ ୩୦ କୋଟିର ରାସ୍ତା କାମ



କପ୍ତିପଦା, ୨୫।୩(ସମିସ): ଝରଣଘାଟିରୁ ଖୁଣ୍ଟା ୨୯ କିଲୋମିଟର ରାସ୍ତା କାମ ବିନା ସୂଚନା ଫଳକରେ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଝରଣଘାଟି ୧୯ ନମ୍ବର ରାଜ୍ୟ ରାଜପଥର ପ୍ରଶସ୍ତୀକରଣ ପାଇଁ ୩୦କୋଟି ଟଙ୍କା ଅନୁମୋଦନ ହୋଇଥିବାବେଳେ ଏହା ୨୯ କିଲୋମିଟର ଖୁଣ୍ଟା ପର୍ଯ୍ୟନ୍ତ ରାସ୍ତାକାମ ଚାଲୁଛି। ବାଲି, ମୋରମ ଅଳ୍ପ ପରିମାଣରେ ପଡୁଥିବା ବେଳେ ନୟନଯୋରୀରୁ ମାଟି ଉଠାଇ ପକାଯାଉଛି। କେତେକ ଯାଗାରେ ପୁରୁଣା ଗାର୍ଡୱାଲକୁ ସିମେଣ୍ଟ ପାଣିଦେଇ ନୂଆ କରିଦିଆଯାଇଛି। ନୂଆ ଗାର୍ଡୱାଲଗୁଡ଼ିକ ମଧ୍ୟ ଠିକ ଭାବରେ ହେଉନଥିବା ଅଭିଯୋଗ ହେଉଛି। ପରିମାଣ ତୁଳନାରେ ରଡ୍ ଦିଆଯାଉନି। ବାଲି ସିମେଣ୍ଟର ମିଶ୍ରଣ ଠିକ ଭାବରେ ହେଉନଥିବା ବେଳେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି, ଫଳରେ ଅଳ୍ପ ଦିନରେ ନଷ୍ଟ ହୋଇଯିବ ବୋଲି ମଧ୍ୟ କୁହାଯାଉଛି। ଏହି କାମ ଏଆର୍‌ଏସ୍‌ଏସ୍ ନାମକ ଏକ କମ୍ପାନୀ କରୁଛି। ବିନା ସୂଚନା ଫଳକରେ ଲୋକଙ୍କୁ ଅନ୍ଧାରରେ ରଖି କରାଯାଉଥିବା ଅଭିଯୋଗ କରାଯାଉଛି। ଅନ୍ୟପକ୍ଷରେ ଓଡ଼ିଶାର ଜଣେ ସୁପ୍ରସିଦ୍ଧ କନଷ୍ଟ୍ରକସନ ସଂସ୍ଥା ଏହି କାମ କରୁଛି ବୋଲି ଉପସ୍ଥିତ ଥିବା ସୁପରଭାଇଜର ପ୍ରକାଶ କରିଛନ୍ତି। ଏ ନେଇ ପୂର୍ତ୍ତବିଭାଗ ଏସ୍‌ଡିଓ ରାଜେନ୍ଦ୍ର କିଶାନଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନଥିଲେ।

## ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ

## ଚୈତ୍ର ପର୍ବ ସହ ଏକତ୍ର ଆୟୋଜନ ହେବ ମେଳା



ବାରିପଦା, ୨୫ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୈତ୍ର ପର୍ବ ପାଳନ ଅବସରରେ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏପ୍ରିଲ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚୈତ୍ର ପର୍ବ ଅବସରରେ ପଲ୍ଲିଶ୍ରୀ ମେଳା ଆୟୋଜନ ହେବ। ଓରମାସ୍ ଓ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ, ବିପଣନ ସମିତି ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପଲ୍ଲିଶ୍ରୀ ମେଳାରେ ପ୍ରାୟ ୧୦୦-୧୫୦ ମଧ୍ୟରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ଖୋଲିବାକୁ ଯୋଜନା ହୋଇଛି। ଏଥିସହ ଛଉ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବା ନିମନ୍ତେ ଛଉ ନୃତ୍ୟରେ ବ୍ୟବହୃତ ହେଉଥିବା ଅଳଙ୍କାର, ବାଦ୍ୟଯନ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯିବ। ସେହିପରି ଛଉ ନୃତ୍ୟ ସମ୍ବନ୍ଧୀୟ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଆୟୋଜନ ହେବ। ଏତତ୍‌ବ୍ୟତୀତ ବିଭିନ୍ନ ଅଞ୍ଚଳର ଖାଦ୍ୟ ଷ୍ଟଲ ଖୋଲିବା ସହ ଦେଶୀୟ ଖାଦ୍ୟ ଷ୍ଟଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ବ୍ରାଣ୍ଡିଂ, ପ୍ୟାକେଜିଂ, ମାର୍କେଟିଂ ପାଇଁ ବିଭିନ୍ନ ଉତ୍ସର୍ଗୀକୃତ ଷ୍ଟଲ୍ ଆୟୋଜନ ହେବ। ଏହି ଅବସରରେ ଫୁଟବଲ, ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିବାକୁ ଆଲୋଚନା ହୋଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ରୟ, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ ୨୯ରେ


ବାରିପଦା, ୨୫ ।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ ତମ ବାର୍ଷିକୋତ୍ସବ ଆଗାମୀ ୨୯ ତାରିଖରେ ବାରିପଦା ଛଉପଡ଼ିଆ ନିକଟରେ ଅବସ୍ଥିତ ନିଜସ୍ୱ ସଭାଗୃହରେ ଆୟୋଜିତ ହେବ। ଏହି ଅବସରରେ ଭାଷା ଓ ସାହିତ୍ୟକୁ ବିଶେଷ ଅବଦାନ ପାଇଁ କବି ଓ ପ୍ରାବନ୍ଧିକ ନରସିଂହ ବାରିକ ତଥା କବୟିତ୍ରୀ ତଥା ଭଞ୍ଜଦୂତ ପତ୍ରିକାର ସମ୍ପାଦିକା ହାରାମଣି ଦଳେଇଙ୍କୁ ୨୦୨୫-୨୬ ବର୍ଷ ପାଇଁ 'ମୟୂରଭଞ୍ଜ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯିବ। ଏତଦ୍ ବ୍ୟତୀତ ପ୍ରାଚୀନ ଶୈଳୀ କବିତା ରଚନା ପରମ୍ପରା ପାଇଁ ବରିଷ୍ଠ କବୟିତ୍ରୀ ରାଜଲକ୍ଷ୍ମୀ ଦାସଙ୍କୁ ସ୍ୱର୍ଗତା ସଲିଳା ମହାନ୍ତି ସ୍ମୃତି ସମ୍ମାନ ତଥା ମାଣିଦାର ବରିଷ୍ଠ ସାରସ୍ୱତ ସାଧକ ରାମନାରାୟଣ ଗିରିଙ୍କୁ ସ୍ୱର୍ଗତ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏଥି ସହିତ ଲେଖିକା ସୁଚରିତା ବେହେରାଙ୍କୁ ସ୍ୱର୍ଗତା ଲକ୍ଷ୍ମୀକୁମାରୀ ଦାସ ଯୁବ ଲେଖକ ସମ୍ମାନ ପ୍ରଦାନ କରାଯିବ ବୋଲି ସଭାପତି ପଦ୍ମନାଭ ସାହୁ ଏବଂ ସମ୍ପାଦକ ମନୋଜ ଦଳବେହେରା ଜଣାଇଛନ୍ତି। ସେଦିନ ପୂର୍ବାହ୍ନ ୧୧ଟା ସମୟରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

## ସାର୍‌ନା ଧର୍ମ କୋଡ୍ ମାନ୍ୟତା ଦାବି

# ଆଦିବାସୀ ସମାଜର ବିକ୍ଷୋଭ; ରାଷ୍ଟ୍ରପତିଙ୍କୁ ଦାବିପତ୍ର

ବାରିପଦା, ୨୫ ।୩(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ତଥା ନାରାନଡିହି ଗ୍ରାମର ମାଝୀବାବା ନାରାନ ମୁର୍ମୁଙ୍କ ନେତୃତ୍ୱରେ ୫ଟି ଆଦିବାସୀ ସାମାଜିକ ସଂଗଠନ ପକ୍ଷରୁ ସାର୍‌ନା କୋଡ୍ ମାନ୍ୟତା ଦାବି ଓ ଦେବଦେବୀଙ୍କୁ ଅସମ୍ମାନ ପ୍ରତିବାଦରେ ଆଦିବାସୀ ସମାଜ ପକ୍ଷରୁ ବିକ୍ଷୋଭ କରାଯିବା ସହ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ଜାକାତ ମାଝୀ ପାର୍ଗାନା ମହଲ, ଭଞ୍ଜ ଖେରୱାଲ ଜୁମିଦ୍, ଆସେକା, ଅଲ୍ ଇଣ୍ଡିଆ ସାର୍‌ନା ଧରମ ଚେମେତ ଆଖ୍ଲା, ଜାହିରାଙ୍ଗି କ୍ଲବ ସଂଗଠନ ଆଦି ଏକତ୍ରିତ ହୋଇ ବୁଧବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ତିନି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଦାବିଗୁଡ଼ିକ ମଧ୍ୟରୁ ଧାରା ୨୫ ଅନୁସାରେ ପ୍ରକୃତି ପୂଜକ ଆଦିବାସୀମାନଙ୍କୁ ସାର୍‌ନା ଧର୍ମ କୋଡ୍ ମାନ୍ୟତା ଦେଇ ୨୦୨୧-୨୦୨୭ ଜନଗଣନାରେ ପୃଥକ କଲମ୍-କୋଡ୍ ଦିଆଯାଉ। ଝାଡ଼ଖଣ୍ଡର ହେମନ୍ତ ସୋରେନ ସରକାର ୫ ଜାନୁଆରୀ ୨୦୨୩ରେ ଆଦିବାସୀମାନଙ୍କର ଧାର୍ମିକ କେନ୍ଦ୍ର (ପାରସନାଥ ପର୍ବତ) ସର୍ବଶ୍ରେଷ୍ଠ ମାରାଂବୁରୁ ଈଶ୍ୱରଙ୍କୁ ଲିଖିତ ରୂପରେ ଜୈନଙ୍କୁ ହସ୍ତାନ୍ତର କରିଛନ୍ତି, ତୁରନ୍ତ ତାହା ଆଦିବାସୀମାନଙ୍କୁ ଫେରାଇ ଦିଆଯାଉ ଏବଂ ଲୁଗୁବୁରୁ, ଅଯୋଧ୍ୟା ବୁରୁ ତଥା ଆଦିବାସୀଙ୍କ ଧାର୍ମିକ ସ୍ଥଳ ସମସ୍ତ ବୁରୁ (ପର୍ବତ)କୁ ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ କବଳରୁ ଅବିଳମ୍ବେ ମୁକ୍ତ କରାଯାଉ। ତତସହିତ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର ପ୍ରାୟ ୧୩ ଗୋଟି ଗ୍ରାମର ଆଦିବାସୀଙ୍କ ଧାର୍ମିକ ସ୍ଥଳ ଜାହେରଗାଳରୁ ଦେବଦେବୀଙ୍କ ପାଷାଣ (ପ୍ରତୀକ) ଚୋରିକରି ସେଠାରେ ଅନ୍ୟ ଧର୍ମର ଫଟୋ ଓ ପତାକା ରଖାଯାଇ ଆଦିବାସୀଙ୍କ ଦେବଦେବୀଙ୍କୁ ଅସମ୍ମାନ କରାଯିବାରୁ ବିରତ କରାଯାଉ ଆଦି ରହିଛି। ଏହା ଉପରେ ରାଷ୍ଟ୍ରପତିଙ୍କ ପକ୍ଷରୁ ଉଚ୍ଚସ୍ତରୀୟ (ସିବିଆଇ) ତଦନ୍ତ କରାଯାଇ ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଧାରଣାରେ ବସିବେ, ରାଜରାସ୍ତାକୁ ଓହ୍ଲାଇବେ ଏବଂ ଆଦିବାସୀ ବିଧାୟକ, ସାଂସଦ, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ଏକବର୍ଷ ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଧାରଣାରେ ଓଡ଼ିଶା ପ୍ରଦେଶ ମାଝୀ ପାର୍ଗାନା ମାଡ୍ୱାର ସଭାପତି କାଲୁରାମ ମୁର୍ମୁ, ଭଞ୍ଜ ଖେରୱାଲ ଜୁମିଦର ଫୁରମାଲ ହାଁସଦାଃ, ଆସେକାର ରକେଟ୍ ମୁର୍ମୁ, ମହଲର ସାରସକଣା ତରଫ ପାର୍ଗାନା ନିମାଇଁ ଚରଣ ମାର୍ଣ୍ଡି, ଚେମେତ ଆଖ୍ଲାର ନିମାଇଁ ମୁର୍ମୁ, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ବାହାଦୁର ମୁର୍ମୁ, ଉଦୟନାଥ ହେମ୍ବ୍ରମ, ପିଥ ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ।



## ବାଲେଶ୍ୱରରେ ବଢୁଛି ଯକ୍ଷ୍ମା ଆତଙ୍କ!

# ଅଧାରୁ ଔଷଧ ଛାଡ଼ି ଦେଉଛନ୍ତି ରୋଗୀ

ବାଲେଶ୍ୱର,୨୫।୩ (ସମିସ)



ବିଶ୍ୱ ଯକ୍ଷ୍ମା ଦିବସ ପାଳନ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ଯକ୍ଷ୍ମା ପରିସ୍ଥିତି ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରତିବର୍ଷ ୨ ହଜାର ଉପରେ ରହିଛି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା। ୨୦୨୫ ସୁଦ୍ଧା ଓଡ଼ିଶାକୁ ଯକ୍ଷ୍ମାମୁକ୍ତ ରାଜ୍ୟ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିଲା; ହେଲେ ଆଜି ବି ରାଜ୍ୟ ସରକାରଙ୍କ ଏହି ଲକ୍ଷ୍ୟ ସ୍ୱପ୍ନ ସଦୃଶ। ବାଲେଶ୍ୱରରେ ସଚେତନତା ସତ୍ତ୍ୱେ ଚିକିତ୍ସା ବ୍ୟବସ୍ଥାର ଦୂରବସ୍ଥା ସ୍ପଷ୍ଟ ହୋଇପଡ଼ିଛି। ଜିଲ୍ଲାର ତଥ୍ୟ ଅନୁସାରେ ଦୁଇ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ୫ ହଜାର ୫୯୮ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୨୫ରେ ନୀଳଗିରି ବ୍ଲକରେ ସର୍ବାଧିକ ୪୫୨ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। କିନ୍ତୁ ସେଥିରୁ କେବଳ ୩୮୪ ଜଣ ସୁସ୍ଥ ହୋଇଥିବା ବେଳେ ୪୮ ଜଣ ରୋଗୀ ସଚେତନତା ଅଭାବରୁ ଅଧାରୁ ଔଷଧ ଛାଡ଼ିଦେଇଥିବା ଚିନ୍ତାର ବିଷୟ ପାଲଟିଛି। ଏହା ସ୍ପଷ୍ଟ କରୁଛି ଯେ ସ୍ୱାସ୍ଥ୍ୟ କର୍ମୀଙ୍କ ମାଧ୍ୟମରେ ଠିକ୍ ଭାବେ ଫଲୋ-ଅପ୍ ଓ ଜନସଚେତନତା କାର୍ଯ୍ୟକ୍ରମ ହେଉନାହିଁ। ଏହାର ପ୍ରତିକୂଳରେ ଜିଲ୍ଲାର ଔପଦା ବ୍ଲକରେ ସର୍ବନିମ୍ନ ୧୭୧ ଓ ବାଲିଆପାଳ ବ୍ଲକରେ ୧୮୪ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିଲେ। କିନ୍ତୁ ଏହି ସଂଖ୍ୟା କମ୍ ଥିବା ସତ୍ତ୍ୱେ ଚିହ୍ନଟ ପ୍ରକ୍ରିୟାର ଦୁର୍ବଳତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏହା ସତରେ କମ୍ ରୋଗୀ କିମ୍ବା ଯଥେଷ୍ଟ ସ୍କ୍ରିନିଂ ହେଉନାହିଁ, ତାହାକୁ ନେଇ ଆଶଙ୍କା ସୃଷ୍ଟି ହେଉଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ଗତ ୨ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ମୋଟ ୫,୫୯୮ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୨୪ ମସିହାରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୫ ମସିହାରେ ୨୮୪୩ ଜଣ ଚିହ୍ନଟ ହୋଇଛନ୍ତି। ୨୦୨୪ ତୁଳନାରେ ୨୦୨୫ରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଘଟଣା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି।

ସେହିପରି ୨୦୨୪ ରେ ୨୫୦୮ ଜଣ ଯକ୍ଷ୍ମା ରୋଗୀ ଆରୋଗ୍ୟ ଲାଭ କରିଥିବା ବେଳେ ୨୦୨୫ ରେ ୨୬୪୩ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଅର୍ଥାତ୍ ୫ ହଜାର ୧୫୧ ଜଣ ଯକ୍ଷ୍ମା ରୋଗୀ ସୁସ୍ଥ ହୋଇଛନ୍ତି ବୋଲି ଜିଲ୍ଲା ଯକ୍ଷ୍ମା ଅଧିକାରୀ ସୂଚନା ଦେଇଛନ୍ତି। ବଡ଼ ବଡ଼ ଯୋଜନା ଓ ସଚେତନତା ଅଭିଯାନ ସତ୍ତ୍ୱେ ରୋଗୀଙ୍କ ଔଷଧ ଖାଇବା ଛାଡ଼ିଦେବା ଓ ନୂତନ ଆକ୍ରାନ୍ତ ବୃଦ୍ଧି ପ୍ରଶାସନର ବିଫଳତାକୁ ଦର୍ଶାଉଛି। ଜିଲ୍ଲାର ୧୨ଟି ବ୍ଲକରେ ସ୍ୱାସ୍ଥ୍ୟ ସେବାର ଅବସ୍ଥା ଏବେ ସାମ୍ନାକୁ ଆସିଛି। ଅନେକ ସ୍ଥାନରେ ଡାକ୍ତରଙ୍କ ଅଭାବ, ଯଥେଷ୍ଟ ପରୀକ୍ଷା ସୁବିଧା ନଥିବାଷଓ ରୋଗୀଙ୍କୁ ସମୟରେ ଔଷଧ ଓ ପରାମର୍ଶ ନମିଳିବା ଭଳି ସମସ୍ୟା ରହିଛି। ଯଦିଓ ପ୍ରଶାସନ ୧୦୦ ଦିନିଆ ବିଶେଷ ଅଭିଯାନ ଆରମ୍ଭ କରିଛି କିନ୍ତୁ ଏହା ଯଦି କେବଳ କାଗଜରେ ସୀମିତ ରହିଯାଏ, ତେବେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବାସ୍ତବରେ ଗ୍ରାମାଞ୍ଚଳରେ ସକ୍ରିୟ ମନିଟରିଂ, ଡୋର-ଟୁ-ଡୋର ସ୍କ୍ରିନିଂ ଓ ରୋଗୀଙ୍କ ଉପରେ ନିୟମିତ ନହେଲେ ଯକ୍ଷ୍ମା ନିୟନ୍ତ୍ରଣ ସମ୍ଭବ ନୁହେଁ। ସମଗ୍ର ପରିସ୍ଥିତି ଦେଖିଲେ ସ୍ପଷ୍ଟ ଯେ ବାଲେଶ୍ୱର ଜିଲ୍ଲାରେ ଯକ୍ଷ୍ମା ନିୟନ୍ତ୍ରଣ ନେଇ ସ୍ୱାସ୍ଥ୍ୟ ବିଭାଗର ଦାବି ଓ ସତ୍ୟତା ମଧ୍ୟରେ ତଫାତ୍ ରହିଛି। ଯଦି ଏହା ଉପରେ କଠୋର ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଏହା ଜିଲ୍ଲା ପାଇଁ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟର ରୂପ ନେବା ନିଶ୍ଚିତ।

- ୨୦୨୪ ତୁଳନାରେ ୨୦୨୫ରେ ରୋଗୀ ସଂଖ୍ୟା ବୃଦ୍ଧି
- ୨୦୨୪ରେ ୨୭୫୫ ଜଣ ଯକ୍ଷ୍ମା ରୋଗୀ
- ୨୦୨୫ରେ ୨୮୪୩ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ
- ନୀଳଗିରିରେ ସର୍ବାଧିକ ୪୫୨ ରୋଗୀ ଚିହ୍ନଟ, ୪୮ ଜଣ ଅଧାରୁ ଔଷଧ ଛାଡ଼ିଦେଇଛନ୍ତି

## ସମବାୟ ସମିତିର ଅବହେଳାରୁ ଚାଷୀ ହନ୍ତସନ୍ତ



ଜଳେଶ୍ୱର,୨୫।୩(ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣପ୍ରହରାଜପୁର ସେବା ସମବାୟ ସମିତିରେ ଆଜି ଦେଖିବାକୁ ମିଳିଛି ଚାଷୀଙ୍କ ତୁମ୍ଭିତୋଫାନ। ସରକାରୀ ନିୟମାନୁଯାୟୀ ମାର୍ଚ୍ଚ ୨୫ ଚାଷୀଙ୍କ ଧାନକ୍ରୟ ପାଇଁ ପଞ୍ଜୀକୃତ ଶେଷ ତାରିଖ ନିର୍ଦ୍ଧାରିତ ହୋଇଥିବା ସତ୍ତ୍ୱେ ଚାଷୀଙ୍କୁ ମିଳିପାରୁନାହିଁ ପଞ୍ଜୀକୃତ ଫର୍ମ କିମ୍ବା ହୋଇ ପାରିନାହିଁ ଚାଷୀଙ୍କ ଆଖି ସ୍କାନ। ଚାଷୀ ଏ ନେଇ ସମିତିରେ ପଚାରିଲେ ଚାଷୀକୁ କହୁଛନ୍ତି ଗୋଟିଏ ଦିନରେ ୨୦ ଜଣ ଚାଷୀରୁ ଅଧିକ ଚାଷୀଙ୍କୁ ଆଖି ସ୍କାନ ନେଉନାହିଁ। ଯାହାକୁ ନେଇ ଚାଷୀ ମାନଙ୍କର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମବାୟ ସମିତି ବିଭିନ୍ନ ସମୟରେ ଚାଷୀମାନଙ୍କୁ ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛାଉ ନାହାଁନ୍ତି ଏବଂ ଏ ନେଇ ଚାଷୀ ସଂଯୁକ୍ତା ଦାସ, ଗୌତମ ଦିନ୍ଦା, ଶ୍ରୀମନ୍ତ ବାରିକ, ସନ୍ତୋଷ ପରିଡ଼ା, ଅଜୟ କୁମାର ବିଶ୍ୱାଳ, ବେଣୁଧର ଘୋଷ, ସୁଶୀଲ ବାରିକ୍, ପ୍ରଦୀପ କୁମାର ବେହେରା, ଅନନ୍ତ ବାରିକ୍, ରେବତୀ ବେହେରା, ଶତ୍ରୁଘନ କାମିଲା, ପ୍ରଫୁଲ ମହାନ୍ତି, ନରହରି ପ୍ରଧାନ ପ୍ରମୁଖ ଶତାଧିକ ଚାଷୀ ଦିନତମାମ ସମବାୟ ସମିତି ଆଗରେ ଫର୍ମ ପଞ୍ଜୀକୃତ କରିବାକୁ ଅଡ଼ିବସିଥିଲେ। ଶେଷରେ ରାଇବଣିଆ ପୁଲିସ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ପରେ ଚାଷୀ ଶାନ୍ତ ପଡ଼ିବା ସହିତ ପଞ୍ଜୀକରଣ କରିଥିଲେ ଏବଂ ସ୍ଥାନୀୟ ସରପଞ୍ଚ ଆଲୋକ ଗିରି ଚାଷୀମାନଙ୍କୁ ସହଯାଗ କରିଥିଲେ।

## ଡ୍ରେନ୍ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

କାଳିପଦା,୨୫।୩(ସମିସ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ପନ୍ତେଇ ଫେରି ଘାଟରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣ ହେଉଥିବା ସ୍ଥାୟୀ ପୋଲ କାମ ଏବେ ଶେଷ ପର୍ଯ୍ୟାୟରେ। ପୋଲକୁ ସଂଯୋଗ କରୁଥିବା ରାସ୍ତା କାମ ପାଇଁ ଜବରଦଖଲ ଉଚ୍ଛେଦ କାମ ଚାଲିଛି। ତେବେ ପ୍ରଶସ୍ତ ଏହି ରାସ୍ତା କଡ଼େ କଡ଼େ ଜଳ ନିଷ୍କାସନ ପାଇଁ ଜାମକୁଣ୍ଡା ଛକରୁ ପୋଲ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଏବେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଡ୍ରେନ ହେଲେ ଉଦ୍‌ବୃତ୍ତ ବର୍ଷା ଓ ବନ୍ୟାଜଳ ସୁଚାରୁ ରୂପେ ନିଷ୍କାସିତ ହୋଇପାରିବ। ରାସ୍ତା ମଧ୍ୟ ଭଲ ରହିବ। ଅନ୍ୟପକ୍ଷରେ ଜଳ ସେଚନ ବିଭାଗ ଏହି ରାସ୍ତାକୁ ବହୁ ମୁଷ୍ଟିମେୟ ଲୋକ ଅନେକ ଦିନରୁ ଅବରୋଧ କରି ରଖିଛନ୍ତି। କେତେକ ରାସ୍ତା କଡ଼ରେ ସ୍ଥାୟୀ ଗୃହ ନିର୍ମାଣ କରି ରହୁଛନ୍ତି। ପ୍ରଶାସନର ତାଗିତ ସତ୍ତ୍ୱେ ସେମାନେ ଖାତିର କରୁନାହାନ୍ତି। ବର୍ଷା ଋତୁରେ ରାସ୍ତାର ପୂର୍ବ ପଟରେ ଦୀର୍ଘଦିନ ଧରି ପାଣି ଜମି ରହୁଛି। ରାସ୍ତା ପ୍ରଶସ୍ତି କରଣ ଓ ଡ୍ରେନ ନିର୍ମାଣକୁ କେତେକ ବିରୋଧ କରୁଥିବାରୁ ସମସ୍ୟା ଦେଖାଦେଇଛି।

## ପୋଖରୀରେ ବୁଡ଼ି ଯୁବକ ମୃତ

ଲଙ୍ଗଳେଶ୍ୱର,୨୫।୩(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ସୁନ୍ଦରକୋଇଲି ଗ୍ରାମରେ ଆଜି ପୋଖରୀରେ ଗାଧୋଉ ଥିବାବେଳେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୈତନ୍ୟ ସାହୁଙ୍କ ପୁଅ ଚିନ୍ମୟ କୁମାର ସାହୁ (୧୭)। ଆଜି ଗ୍ରାମରେ ହନୁମାନ ଜୟନ୍ତୀ ପାଇଁ ଗ୍ରାମର ଶତାଧିକ ହନୁମାନ ଭକ୍ତ ଘଟ ଉତ୍ତୋଳନ କରିବାକୁ ଯାଇଥିଲେ। ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯାଇ ଗଭୀର ପାଣିରେ ଚିନ୍ମୟ ବୁଡ଼ି ଯାଇଥିଲେ। ଶୋଭାଯାତ୍ରା ଆସି ହନୁମାନ ମନ୍ଦିରରେ ପାଣି ଢଳା ସରିବାର କିଛି ସମୟ ପରେ ସେ ନଥିବା ବେଳେ ବହୁତ୍ ଖୋଜା ଖୋଜି କରିବା ପରେ ମଝି ଗଡ଼ିଆରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଇଡ଼କୋ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

● ଦୀନକୃଷ୍ଣ ମହାବିଦ୍ୟାଳୟ

## ‘ବ୍ରିଟିଶ ଯୁଗରେ ଭାରତୀୟ ଶିକ୍ଷା’ ଆଲୋଚନାଚକ୍ର



ଜଳେଶ୍ୱର,୨୫।୩(ସମିସ): ସ୍ଥାନୀୟ ଜଳେଶ୍ୱରସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ବ୍ରିଟିଶ ଯୁଗରେ ଭାରତୀୟ ଶିକ୍ଷା ଶିର୍ଷକ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଡ. ସୁଶାନ୍ତ କୁମାର ଗିରି ଅତିଥି ପରିଚୟ ଓ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରାଧ୍ୟାପକ ଡ଼ ହିମାଂଶୁ ଶେଖର ସାମଲ ଏବଂ ଅଧ୍ୟାପକ ଡ. ମାନସ କୁମାର ଦାସ ଆଲୋଚକ ଭାବରେ ଯୋଗ ଦେଇ ବ୍ରିଟିଶ ଯୁଗରେ କିପରି ଆଧୁନିକ ଶିକ୍ଷାର ବୀଜ ବପନ ହୋଇଥିଲା ସେ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁଶାନ୍ତ କୁମାର ସାହୁ ଏବଂ ଅଧ୍ୟାପକ ଲିପକ କୁମାର ପ୍ରଧାନ ଅଭିଭାଷଣ ରଖିଥିଲେ। ପଙ୍କଜ, ଉର୍ମିଳା, ଶୋଭନ, ସୌମ୍ୟ, ସ୍ନେହରଞ୍ଜନ, ସୁଶ୍ରୀ, ଜୟଶ୍ରୀ, ରଞ୍ଜିତା, ନମିତା, ପୁଷ୍ପାଞ୍ଜଳୀ, ସାଗର ପ୍ରମୁଖ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ‘ଯୌତୁକ ପାଇଁ ମୋ ଝିଅକୁ ମାରିଦେଲେ’

ସିମୁଳିଆ,୨୫।୩(ସମିସ): ଯୌତୁକ ପାଇଁ ମୋ ଝିଅକୁ ଶଶୁର ଘର ଲୋକେ ମାରିଦେଲେ ସେମାନଙ୍କୁ ଗିରଫ କରି କଡ଼ା ଦଣ୍ଡ ଦିଅ ବୋଲି କାନ୍ଦି କାନ୍ଦି ସିମୁଳିଆ ଥାନାରେ ଗୁହାରି କରିଛି ମା’। ମୃତକ ହେଲେ ବଣଗଡ଼ିଆ ଗ୍ରାମର ଉମାମଣି ଦାସ ତାଙ୍କ ଝିଅ ତଥା ସିମୁଳିଆ ଥାନା କହ୍ନେଇବିନ୍ଧା ପଞ୍ଚାୟତର କୁଟାରୀ ଗ୍ରାମର ମୃତ୍ୟୁଞ୍ଜୟ ସାହୁଙ୍କ ସ୍ତ୍ରୀ ପଦ୍ମାବତୀ। ପ୍ରକାଶ ଯେ, ଖଇରା ବ୍ଲକ ଅନ୍ତର୍ଗତ ବଣଗଡ଼ିଆ ଗ୍ରାମର ଉମାମଣି ଦାସ ତାଙ୍କ ଝିଅ ପଦ୍ମାବତୀକୁ ସିମୁଳିଆ ଥାନା କହ୍ନେଇବିନ୍ଧା ପଞ୍ଚାୟତର କୁଟାରୀ ଗ୍ରାମର ଦୈତାରୀ ସାହୁଙ୍କ ପୁଅ ମୃତ୍ୟୁଞ୍ଜୟ ସାହୁଙ୍କୁ ବର୍ଷେତଳେ ବୈଦିକ ରୀତିରେ ବିବାହ ଦେଇଥିଲେ। ମାତ୍ର ବିବାହ କିଛିଦିନ ପରେ ଅଧିକ ଯୌତୁକ ନିମନ୍ତେ ଶାଶୁଘର ଲୋକେ ପଦ୍ମାବତୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଦୁଇଦିନ ତଳେ ଝିଅକୁ ନିର୍ଦ୍ଦୟ ମାଡ଼ ମାରି ଗୁରୁତର ଅବସ୍ଥାରେ କଟକ ମେଡିକାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ତାଙ୍କର ସୋମବାର ରାତିରେ ମୃତ୍ୟୁ ହୋଇଯିବା ପରେ ବାପଘର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ମା’ ସିମୁଳିଆ ଥାନାରେ ପହଞ୍ଚି ପଦ୍ମାବତୀଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ସାହୁ, ଶାଶୁ ପଦ୍ମାବତୀ ସାହୁ, ନଣନ୍ଦ ରୋଜି ସାହୁ, ଦ୍ୱାଇଁ ରମାକାନ୍ତ ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ସ୍ୱାମୀ ମୃତ୍ୟୁଞ୍ଜୟକୁ ଗିରଫ କରିଥିଲେ। ମାତ୍ର ଝିଅର ପରିବାର ଲୋକେ ୪ ଜଣଙ୍କୁ ଗିରଫ ଦାବିରେ ଶବ ଗାଡ଼ିକୁ ଛାଡ଼ି ନ ଥିଲେ। ପୁଲିସ ବୁଝାସୁଝା କରିଥିଲେ ମଧ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଶବ ଗାଡି ଅଟକ ଥିବା ଜଣାପଡ଼ିଛି।



ବ୍ରିଜ୍ ନିକଟରେ ଶବ ରଖି ପରିବାରର ପ୍ରତିବାଦ

## ଝାଡ଼େଶ୍ୱର ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୨୫।୩(ସମିସ): ସହର ଉପକଣ୍ଠସ୍ଥ ଛଣପୁରସ୍ଥିତ ଝାଡ଼େଶ୍ୱର ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧିନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୧୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲ୍ଲା ରକ୍ତ ଭଣ୍ଡାରର ଅଧିକାରୀ ଡ଼ା. ବସନ୍ତ ଉପାଧ୍ୟାୟ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ରକ୍ତ ଭଣ୍ଡାରର କର୍ମଚାରୀ ସହଯୋଗ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା ଓ ଚେୟାରମ୍ୟାନ ପରମାନନ୍ଦ ସାନ୍ତରା ରକ୍ତଦାତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ରକ୍ତଦାନ ଶିବିରକୁ ସୂଚାରୁରୂପେ ପରିଚାଳନା କରିଥିବା ସମସ୍ତ ୱିଙ୍ଗର ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ସାଧୁବାଦ ଜଣାଇଥିଲେ।

## ମିର୍ଜାପୁର ସେବା ସମବାୟ ସମିତିର ସାଧାରଣ ସଭା



ଖଇରା,୨୫।୩(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମିର୍ଜାପୁର ସେବା ସମବାୟ ସମିତିର ବାର୍ଷିକ ସାଧରଣ ସଭା ବୁଧବାର ସମିତି ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ବୋର୍ଡ ସଭାପତି ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲୋକପ୍ରତିନିଧି ତଥା ପରିଚାଳନା ବୋର୍ଡ ନିର୍ଦ୍ଦେଶକ, ପୂର୍ବତନ ନିର୍ଦ୍ଦେଶକ ଉପସ୍ଥିତ ରହି ସମିତିର ସଭ୍ୟ ବଢ଼ିବା ସହ ଲାଭରେ ଚାଲିଥିବାରୁ ଏଥିରେ ସହଯୋଗ ଜାରି ରଖିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ, ସିଆରପିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସାର ସମସ୍ୟା ଦୂର ପାଇଁ ଗୋଦାମଘର ନିର୍ମାଣ ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ପାଦକ ଦେବାଶିଷ ପାଢ଼ୀ ବାର୍ଷିକ ଆୟବ୍ୟୟର ହିସାବ ପଠନ କରିଥିଲେ। ଶତାଧିକ ଚାଷୀ, ମହିଳା ଗୋଷ୍ଠରର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମିତିର କର୍ମଚାରୀ କାଳନ୍ଦୀ ଚରଣ ପାଢ଼ୀ, ଭବେନ୍ଦ୍ର କୁମାର ସିଂ, ଉମାକାନ୍ତ ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥଲେ।

## ଆଇଏମ୍ଏସ୍ଆର୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲେଶ୍ୱର,୨୫।୩(ସମିସ): କାଳିଦାସପୁର ସ୍ଥିତ ଆଇଏମଏସଆର, ନର୍ସିଙ୍ଗ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, କୁକୁଡ଼ାପଡ଼ା ଖେଳ ପଡିଆରେ ପାଳିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ଉପ ଜିଲ୍ଲାପାଳ ପ୍ରବୋଧ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି, ଛାତ୍ର ଜୀବନରେ କ୍ରୀଡ଼ାର କିଭଳି ପ୍ରଭାବ ଓ ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଧକ୍ଷ ନିରଞ୍ଜନ ସାହୁ ଯୋଗ ଦେଇଥିଲେ। ଏହି ଉତ୍ସବରେ ଆଇଏମଏସଆରର ଉପାଧ୍ୟକ୍ଷ ନିକୁଞ୍ଜ ମହାନ୍ତି, କ୍ରୀଡ଼ା କିଭଳି ବ୍ୟକ୍ତିକୁ ଶୃଙ୍ଖଳାର ପରିଧି ମଧ୍ୟରେ ରଖି, ଛାତ୍ରଛାତ୍ରୀଙ୍କୁ ଏକ ଆଦର୍ଶ ଓ ଶୃଙ୍ଖଳିତ ଜ୍ଞାନ ଯୋଗାଇଥାଏ ବୋଲି କହିଥିଲେ। ଆଇଏମଏସଆରର ଚେୟାରମ୍ୟାନ ଡଃ. ସ୍ମୃତି ରଞ୍ଜନ ମହାନ୍ତି ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ ଶିକ୍ଷୟତ୍ରୀମାନେ କ୍ରୀଡ଼ାକୁ ପରିଚାଳନା କରିଥିଲେ। ଏଥିରେ ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କ୍ରୀଡ଼ା ଉତ୍ସବକୁ ସଫଳ କରିଥିଲେ।



## ତେଲେଙ୍ଗା କଟୁରି ଧରି ରାସ୍ତାରେ ବୁଲିଲା ଯୁବକ

ବାଲେଶ୍ୱର,୨୫।୩(ସମିସ): ସହରରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ମଙ୍ଗଳବାର ସହରରେ ଗୁଳିମାଡ଼ ଏବଂ ଜଣେ ବ୍ୟକ୍ତିଙ୍କ ବେକ କାଟି ହତ୍ୟା ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ବଖାଣିଥିବାବେଳେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାର ୨୪ ଘଣ୍ଟା ନ ପୁରୁଣୁ ହାତରେ ତେଲେଙ୍ଗା କଟୁରୀ ଧରି ମାର୍କେଟ ରାସ୍ତାରେ ଜଣେ ଯୁବକ ବୁଲିବା ନେଇ ଲୋକେ ଭୟଭୀତ ହୋଇପଡ଼ିଥିବାବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁସାରେ, ବାଲେଶ୍ୱର ସହରର ଜନଗହଳିପୂର୍ଣ୍ଣ ଇଲାକାରେ ହାତରେ ତେଲେଙ୍ଗା କଟୁରି ଧରି ଚାଲି ଚାଲି ଜଣେ ଯୁବକ ଯାଉଥିବାର ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯୁବକ ଜଣକ କିଏ ଓ କାହିଁକି ଏଭଳି ମାରଣାସ୍ତ୍ର ଧରି ସହରର ଚିଡିଆପୋଲ ଅଞ୍ଚଳରେ ବୁଲୁଥିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଗତକାଲି ବିଳମ୍ବିତ ରାତିରେ ଯୁବକ ଜଣକ ବାଲେଶ୍ୱର କଚେରୀ ଆଡୁ ହାତରେ ତେଲେଙ୍ଗା କଟୁରି ଧରି ଗୋପାଳଗାଁ ରାସ୍ତାରେ ଯାଉଥିବା ଦେଖଣାହାରୀମାନେ କହୁଛନ୍ତି। ବାଲେଶ୍ୱର ସହରରେ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଗତକାଲି ଦୁଇ ଦୁଇଟି ଅପରାଧିକ ଘଟଣା ପୁଣି ଜଣେ ଯୁବକ ହାତରେ ଏଭଳି ତେଲେଙ୍ଗା କଟୁରୀ ଧରି ବୁଲିବା ଆତଙ୍କ ଖେଳାଇଛି।



## ଫାଇଲରେ ସରିଗଲା ମନରେଗା ଜନଶୁଣାଣି ଶିବିର!


# ଚିଠି ଲେଖିଲେ, ବିଭାଗକୁ ନଦେଇ ଫାଇଲ୍‌ରେ ଲୁଚାଇଲେ

ବାଲେଶ୍ୱର,୨୫।୩(ସମିସ)

ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକରେ ଆଜି ହୋଇଥିବା ମନରେଗା ଜନ ଶୁଣାଣି ଶିବିରକୁ ନେଇ ଆସିଛି ଗୁରୁତର ଅଭିଯୋଗ। ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ ହେଉଥିବା ଏହି ଶିବିରକୁ ବ୍ଲକ ପ୍ରଶାସନ “ନିରବ ନାଟକ”ରେ ପରିଣତ କରିଥିବା ଅଭିଯୋଗ ହେଉଛି। ଗଣମାଧ୍ୟମ, ଶ୍ରମିକ ଏବଂ ଅନେକ ବିଭାଗକୁ ଅନ୍ଧାରରେ ରଖି ଏହି କାର୍ଯ୍ୟକ୍ରମକୁ ତରବରିଆ ଭାବରେ ସାରିଦିଆଯାଇଥିବା ଘଟଣା ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଗତ ମାର୍ଚ୍ଚ ୨ରେ ଚିଠି ନମ୍ବର-୧୦୪୦ ମାଧ୍ୟମରେ ୨୪ ତାରିଖରେ ବାହାନଗା ବ୍ଲକ ସଭାଗୃହରେ ମନରେଗା କାର୍ଯ୍ୟର ସାମାଜିକ ସମୀକ୍ଷା ଜନ ଶୁଣାଣି ଆୟୋଜନ କରିବାକୁ ଜିଲ୍ଲାପାଳଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିଲା। କିନ୍ତୁ ଏହି ନିର୍ଦ୍ଦେଶ ପରେ ୧୮ ଦିନ ଧରି ବ୍ଲକ ପ୍ରଶାସନ ନିରବ ରହି, ଶେଷ ମୁହୂର୍ତ୍ତରେ ଆର୍ଥାତ ୨୦ ତାରିଖରେ ଚିଠି ଜାରି କରି ଦାୟିତ୍ୱ ସାରିଦେଲା।

ଏହାଠାରୁ ଅଧିକ ଗମ୍ଭୀର ଅଭିଯୋଗ ହେଉଛି, ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ଦସ୍ତଖତ ହୋଇଥିବା ଚିଠି ଗୁଡ଼ିକୁ ବିଭିନ୍ନ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଠାଇବା ବଦଳରେ ଫାଇଲ ଭିତରେ ରଖି ଦିଆଯାଇଥିଲା। ଫଳରେ ଏହି ଜନଶୁଣାଣି ଶିବିର ସମ୍ପର୍କରେ ଅନେକ ଅଧିକାରୀ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପୂର୍ଣ୍ଣରୂପେ ଅବଗତ ହୋଇପାରିନଥିଲେ। ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁଙ୍କ ଦସ୍ତଖତରେ ଚିଠି ନମ୍ବର ୮୧୫ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଗଣ ମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବା ଉଦ୍ଦେଶ୍ୟରେ ଚିଠି କରାଯାଇଥିଲା, ହେଲେ ଏହି ଚିଠି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟକୁ ପଠାଇବା ପରିବର୍ତ୍ତେ ବ୍ଲକ ପ୍ରଶାସନ ନିଜ ଫାଇଲରେ ରଖି କର୍ତ୍ତବ୍ୟ ସାରି ଦେଇଥିଲା। ସେପଟେ ବ୍ଲକରେ ୧୦ ହଜାରରୁ ଅଧିକ ଜବ୍‌କାର୍ଡ ଧାରୀ ଥିବା ସତ୍ତ୍ୱେ ଏହି ଜନଶୁଣାଣିରେ ଶ୍ରମିକଙ୍କ ଉପସ୍ଥିତି ନ ଥିବା ଘଟଣା ପ୍ରଶାସନର ଅବହେଳାକୁ ପ୍ରମାଣିତ କରିଛି। ପ୍ରଚାରପ୍ରସାର ନ ଥିବାରୁ କେବଳ ହାତଗଣତି କେତେକ ଲୋକଙ୍କୁ ନେଇ ବ୍ଲକ ପ୍ରଶାସନ କାର୍ଯ୍ୟକ୍ରମକୁ ଶେଷ କରାଯାଇଥିବା ଖବର ମିଳିଛି।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ ସ୍ପଷ୍ଟ କରିଛନ୍ତି ଯେ, ବାହାନଗା ବ୍ଲକରୁ ଏପରି କୌଣସି ଚିଠି ତାଙ୍କ ନିକଟକୁ ଆସିନଥିଲା। ଅନ୍ୟପଟେ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ଚିଠି ନପାଇବାରୁ ଯୋଗ ଦେଇନଥିବା ସ୍ପଷ୍ଟ କହିଛନ୍ତି। ଏହି ସମସ୍ତ ଘଟଣାରେ ଅତ୍ୟନ୍ତ ଚମତ୍କାର କଥା ହେଉଛି ବ୍ଲକ ସୋସିଆଲ ଅଡିଟର ଶାନ୍ତନୁ ମହାପାତ୍ର ନିଜେ ସ୍ୱୀକାର କରିଛନ୍ତି ଯେ ଅବହେଳାରେ ସେ ଚିଠି ପଠାଇନଥିଲେ। ଏହା କେବଳ ଭୁଲ୍ ନା ଯୋଜନାବଦ୍ଧ ଭାବରେ ଗୋପନୀୟତା ରଖିବାକୁ ଷଡ଼ଯନ୍ତ୍ର ସେନେଇ ଏବେ ଜୋର ଚର୍ଚ୍ଚା ଆରମ୍ଭ ହୋଇଛି। ମନରେଗା କାର୍ଯ୍ୟରେ ଥିବା ଅନିୟମିତତା ବାହାରିପଡ଼ିବା ଭୟରେ କି ଗଣମାଧ୍ୟମକୁ ଇଚ୍ଛାକୃତ ଭାବରେ ଦୂରେ ରଖାଗଲା କି, ନା ବ୍ଲକ ପ୍ରଶାସନରେ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଚାଲିଛି ବୋଲି ପ୍ରଶ୍ନ ଉଠିଛି। ବିଡ଼ିଓଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇନଥିବାରୁ ସନ୍ଦେହ ଆହୁରି ଗଭୀର ହୋଇଛି। ବିଡ଼ିଓ କେବଳ ଦସ୍ତଖତ କରି ଦାୟିତ୍ୱ ସାରିଦେଲେ କି, ଚିଠି ପଠାଯାଇଛି କି ନାହିଁ ତାହାର ତଦାରଖ କାହିଁକି କରିନଥିଲେ ବାହାନଗା ବିଡ଼ିଓ ଶୁଭଶ୍ରୀ ଟୁଡୁ। ସମଗ୍ର ଘଟଣା ପଛରେ ଅଛି କିଛି ଗୋପନ ଚକ୍ରାନ୍ତ, ଏହି ଘଟଣାକୁ ନେଇ ବାହାନଗା ବ୍ଲକ ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଛନ୍ତି। ଜନତାଙ୍କ ନାମରେ ହେଉଥିବା ଜନଶୁଣାଣି ଯଦି ଜନତା ବିନା ହୁଏ ତେବେ ଏହା କେବଳ ଏକ ନାଟକ ନୁହେଁ କି ବୋଲି ପ୍ରଶ୍ନ ଉଠିଛି।



ପରିପତ୍ର ସଂଖ୍ୟା 815 /ତା 20/03/26

ଏହାର ଏକକିତା ନକଲ ଜିଲ୍ଲାସ୍ତରିୟ ଲୋକ ସମ୍ପର୍କ ଅଧିକାରୀ,ବାଲେଶ୍ୱର ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ସାମ୍ବାଦିକ ଭାଇ ଓ ଭଉଣୀ ମାନଙ୍କୁ ଶିବିରରେ ଯୋଗଦାନ ନିମନ୍ତେ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବାହାନଗା

- ଗଣମାଧ୍ୟମକୁ ଦୂରରେ ରଖି ନାଟକୀୟ କାର୍ଯ୍ୟକ୍ରମ
- ବାହାନଗା ବ୍ଲକ ପ୍ରଶାସନ ଉପରେ ଗୁରୁତର ଅଭିଯୋଗ

